ପ୍ରଗତିବାଦୀ - 17.12.2018

ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍

ଓପିଜିସି

CIN-U40104OR1984SGC001429

ଜୋନ୍-ଏ, ୭ମ ମହଲା, ଫର୍ଚ୍ୟୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର- ୭୫୧୦୨୩

ସାଧାରଣ ବିଜ୍ଞପ୍ତି

ବିଦ୍ୟୁତ୍ ଅଧିନିୟମ, ୨୦୦୩ର ପରିଚ୍ଛେଦ ୬୨ ଏବଂ ୮୬ ଅନୁସାରେ, ବିଦ୍ୟୁତ୍ ଅଧିନିୟମ ୨୦୦୩ ପରିଚ୍ଛେଦ ୬୪(୨) ଅନୁଯାୟୀ, ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ବିଦ୍ୟୁତ୍ ଉତ୍ପାଦନ ମୂଲ୍ୟ ନିମନ୍ତେ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ, ଭୁବନେଶ୍ୱର-୨୧ଙ୍କ ନିକଟରେ ଅନୁମୋଦନ ପାଇଁ ଦାଖଲ କରାଯାଇଥିବା ଦରଖାସ୍ତର ପ୍ରକାଶନ ଯାହାକି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଉତ୍ପାଦନ ମୂଲ୍ୟ ନିର୍ଦ୍ଧାରଣ ନିମନ୍ତେ ସର୍ତ୍ତାବଳୀ) ନିୟମ ୨୦୧୪ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମ ୨୦୦୪ରେ ପ୍ରଦତ୍ତ ।

୧) କମ୍ପାନୀ ଅଧିନିୟମ, ୧୯୫୬ ଅନୁଯାୟୀ ଗଠନ ହୋଇଥିବା ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍ (ଓପିଜିସି) ଏକ ବିଦ୍ୟୁତ ଉତ୍ପାଦକ କମ୍ପାନୀ, ଯାହାକି ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ଉତ୍ପାଦନ ମୂଲ୍ୟ ଅନୁମୋଦନ ନିମନ୍ତେ ସର୍ତ୍ତାବଳୀ) ନିୟମ ୨୦୧୪ ଏବଂ ଓଡ଼ିଶା ବିଦ୍ୟୁତ୍ ନିୟାମକ ଆୟୋଗ (ବ୍ୟବସାୟ ପରିଚାଳନା) ନିୟମ ୨୦୦୪ରେ ପ୍ରଦତ୍ତ ତଥା ବିଦ୍ୟୁତ ଅଧିନିୟମ ୨୦୦୩ର ପରିଚ୍ଛେଦ ୬୨ ଓ ୮୬ ଅନୁଯାୟୀ ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ତାର ବିଦ୍ୟୁତ ଉତ୍ପାଦନ ମୂଲ୍ୟ ନିର୍ଦ୍ଧାରଣ ନିମିତ୍ତ ଦରଖାସ୍ତ ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ, ଭୁବନେଶ୍ୱରଙ୍କ ନିକଟରେ ତା ୨୯/୧୧/୨୦୧୮ ରିଖରେ ଦାଖଲ କରିଅଛି, ଯାହା କେସ୍ ନମ୍ବର ୭୦/୨୦୧୮ରେ ପଞ୍ଜିକୃତ ହୋଇଛି ।

୨) ମାନ୍ୟବର ଆୟୋଗ ଜନ ଶୁଣାଣି ମାଧ୍ୟମରେ ଏହି ବିଷୟଟିର ପର୍ଯ୍ୟାଲୋଚନା କରିବା ନିମନ୍ତେ ସ୍ଥିର କରିଛନ୍ତି ।

୩) ଉପରୋକ୍ତ ଦରଖାସ୍ତର ନକଲ ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍‌ର କର୍ପୋରେଟ୍ କାର୍ଯ୍ୟାଳୟ, ଜୋନ୍-ଏ, ୭ମ ମହଲା, ଫର୍ଚ୍ୟୁନ୍ ଟାୱାର୍ସ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର -୭୫୧୦୨୩ ଏବଂ ଏହାର ବିଦ୍ୟୁତ କେନ୍ଦ୍ରର ପ୍ରକଳ୍ପ କାର୍ଯ୍ୟାଳୟରେ ଉପଲବ୍ଧ । ଏହି ସାଧାରଣ ବିଜ୍ଞପ୍ତି ସହିତ ଦାଖଲ କରାଯାଇଥିବା ସଂପୂର୍ଣ୍ଣ ଦରଖାସ୍ତ, ଓଡ଼ିଶା ପାୱାର ଜେନେରେସନ କର୍ପୋରେସନ ଲିମିଟେଡ୍‌ର ୱେବ୍‌ସାଇଟ୍ www.opgc.co.in ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ ।

୪) ତା ୧୬.୦୧.୨୦୧୯ ରିଖ ସୁଦ୍ଧା ବା ପୂର୍ବରୁ ଉପରଲିଖିତ ଯେକୌଣସି କାର୍ଯ୍ୟାଳୟରେ କାର୍ଯ୍ୟ ଦିବସରେ କାର୍ଯ୍ୟାଳୟ ଖୋଲା ସମୟରେ ସଂପୃକ୍ତ ଅଧିକାରୀଙ୍କ ସାଥୀ ଭାବରେ ଦରଖାସ୍ତ ଦେଇ, ଆଗ୍ରହୀ ବ୍ୟକ୍ତିମାନେ ଏହି ବିଷୟ ସମ୍ବନ୍ଧୀୟ ନଥିପତ୍ର ଦେଖିପାରିବେ ଏବଂ ଲେଖିକରି ଆଣି ପାରିବେ । ଉପରୋକ୍ତ ସମ୍ପୂର୍ଣ୍ଣ ଆବଶ୍ୟକ ପ୍ରତି ଦରଖାସ୍ତର ନକଲ ଦେୟ ବାବଦକୁ ଟ.୧୦୦/- ପଇଠ କରି ପାଇପାରିବେ ।

୫) ସମର୍ଥିତ କାଗଜ ପତ୍ର ସହିତ ଏହି ସମ୍ବନ୍ଧୀୟ କୌଣସି ପ୍ରସ୍ତାବ/ଆପତ୍ତି, ସଚିବ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗ, ପ୍ଲଟ ନଂ-୪, ଚୁନୁକୋଲି, ଶୈଳଶ୍ରୀ ବିହାର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୨୧ଙ୍କ ନିକଟରେ ବ୍ୟକ୍ତି ବିଶେଷ କିମ୍ବା ରେଜିଷ୍ଟ୍ରି ଡାକ ମାଧ୍ୟମରେ ତା୧୬.୦୧.୨୦୧୯ରିଖ ସୁଦ୍ଧା ବା ପୂର୍ବରୁ ନିଶ୍ଚିତ ପହଞ୍ଚିବା ଆବଶ୍ୟକ । ସମ୍ବନ୍ଧୀୟ କାଗଜପତ୍ର ସହିତ ଉପରୋକ୍ତ ପ୍ରସ୍ତାବ/ଆପତ୍ତିର ଏକକିତା ନକଲ ନିମ୍ନ ସ୍ୱାକ୍ଷରକାରୀଙ୍କୁ ପଠାଇବା ଆବଶ୍ୟକ ।

କ) ପ୍ରସ୍ତାବ/ଆପତ୍ତି ଗୁଡ଼ିକର ୭ (ସାତ) କିତା ନକଲ ସହିତ, ଓଡ଼ିଶା ବିଦ୍ୟୁତ ନିୟାମକ ଆୟୋଗଙ୍କ ନିକଟରେ ଦାଖଲ ହେବା ଆବଶ୍ୟକ ଏବଂ ସେଥିରେ ପ୍ରସ୍ତାବ/ଆପତ୍ତି ପଠାଉଥିବା ବ୍ୟକ୍ତି/ସଂଗଠନ/ଅନୁଷ୍ଠାନର ପୁରା ନାମ ଓ ସମ୍ପୂର୍ଣ୍ଣ ଡାକ ଠିକଣା ରହିଥିବା ଆବଶ୍ୟକ ଏବଂ ତାହା ଏକ ସତ୍ୟପାଠ ଦ୍ୱାରା ସମର୍ଥିତ ହୋଇଥିବା ଆବଶ୍ୟକ ।

ଖ) କୌଣସି ବର୍ଗର ଉପଭୋକ୍ତାଙ୍କୁ ପ୍ରତିନିଧିତ୍ୱ କରୁଥିବା ଅନୁଷ୍ଠାନ/ସଂସ୍ଥା ତରଫରୁ ଯଦି ଏକ ଅଭିଯୋଗ ବା ପ୍ରସ୍ତାବ ଦାଖଲ ହୁଏ ତେବେ ଏହାର ସ୍ପଷ୍ଟ ସଙ୍କେତ ମିଳିବା ଆବଶ୍ୟକ । ଯଦି ଆୟୋଗ ଏହାର ବ୍ୟକ୍ତିଗତ ଭାବେ ଶୁଣାଣି କରିବା ଆବଶ୍ୟକ ତେବେ ଏହା ବିଶେଷ ଭାବେ ଉଲ୍ଲେଖ କରାଯିବା ଉଚିତ୍ ।

ଗ) ଉପରୋକ୍ତ ତାରିଖ ପରେ ପହଞ୍ଚିଥିବା ପ୍ରସ୍ତାବ/ଅଭିଯୋଗ ଗୁଡ଼ିକ ଏବଂ ଉପରୋକ୍ତ ନିୟମାବଳୀର ସର୍ତ୍ତ ସମ୍ପୂର୍ଣ୍ଣ ଭାବେ ପୂରଣ ନହେଲେ, ଏହା ଶୁଣାଣି ପାଇଁ ଗ୍ରହଣଯୋଗ୍ୟ ହୋଇନପାରେ । କେବଳ ଯେଉଁ ଅଭିଯୋଗ/ପ୍ରସ୍ତାବ ଗୁଡ଼ିକ ସତ୍ୟପାଠ ମାଧ୍ୟମରେ ପଇଠ କରାଯାଇଥିବ, ସେହି ଗୁଡ଼ିକୁ କେବଳ ଶୁଣାଣି ପାଇଁ ଗ୍ରହଣ କରାଯିବ ।

୬) ଆୟୋଗଙ୍କ ନିର୍ଦ୍ଦେଶ କ୍ରମେ ଶୁଣାଣିର ତାରିଖ ଖବରକାଗଜରେ ଯଥାବିଧି ପ୍ରକାଶ କରାଯିବ ଏବଂ ଯେଉଁ ପକ୍ଷମାନଙ୍କର ଆପତ୍ତି ଗ୍ରହଣ କରାଯିବ ସେମାନଙ୍କୁ ମଧ୍ୟ ଜଣାଇ ଦିଆଯିବ ।

୭) ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଏହି ମୂଲ୍ୟକୁ ଅନୁମୋଦନ କରିବା ନିମନ୍ତେ ଓପିଜିସି ଆୟୋଗଙ୍କ ନିକଟରେ ପ୍ରାର୍ଥନା କରିଛି ।

କ) ୨୬୯.୫୬ କୋଟି ଟଙ୍କାର ବାର୍ଷିକ ସ୍ଥିର ମୂଲ୍ୟର ଭରଣା

ଖ) ୧୬୨.୭୪ ପଇସା/ପ୍ରତି ୟୁନିଟ୍ ପରିବର୍ତ୍ତନଶୀଳ ମୂଲ୍ୟର ଭରଣା

ଗ) ବର୍ତ୍ତମାନର ଦରଖାସ୍ତରେ ପ୍ରସ୍ତାବ ଦିଆଯାଇଥିବା ୭୬.୯୪ କୋଟି ଟଙ୍କା ମୂଲ୍ୟର ଅନ୍ୟାନ୍ୟ ଖର୍ଚ୍ଚର ଭରଣା ।

ଘ) ଆର୍ଥିକ ବର୍ଷ ୨୦୧୯-୨୦ ନିମନ୍ତେ ଆବଶ୍ୟକ ଅତିରିକ୍ତ ପୁଞ୍ଜିନିବେଶ ।

ଙ) ପ୍ରେଟିକ ମୂଲ୍ୟ ଏବଂ କ୍ୟାଲୋରିଫିକ୍ ମୂଲ୍ୟ ଆଧାରରେ କୁଇଲାରେ ହୋଇଥିବା ଶକ୍ତି ମୂଲ୍ୟର ପରିବର୍ତ୍ତନ, ପିପିଏରେ ଥିବା ପ୍ରସ୍ତାବ ଅନୁଯାୟୀ ମାସିକ ଭିତ୍ତିରେ ଅତିରିକ୍ତ ବିଲ୍‌ରେ ପ୍ରେଟିକ ମୂଲ୍ୟ ବୁଝାମଣା ବ୍ୟବସ୍ଥା ମାଧ୍ୟମରେ ଆବେଦନ କରାଯିବ ।

ପରିଚାଳନା ନିର୍ଦ୍ଦେଶକ
ଓପିଜିସି

ତାରିଖ: ୧୫.୧୨.୨୦୧୮

ଟିପ୍ପଣୀ: କ) ଉପରୋକ୍ତ ସାଧାରଣ ବିଜ୍ଞପ୍ତି ସହିତ ଓପିଜିସି ଶକ୍ତି ମୂଲ୍ୟର ୨୦୧୯-୨୦ ଆର୍ଥିକ ବର୍ଷ ପାଇଁ ପ୍ରସ୍ତାବିତ ଦର ଓପିଜିସି ୱେବ୍‌ସାଇଟ୍ www.opgc.co.in ଏବଂ ଆୟୋଗଙ୍କ ୱେବ୍‌ସାଇଟ୍ www.orierc.org ରେ ଉପଲବ୍ଧ ।

ଖ) [illegible] କୌଣସି ତ୍ରୁଟି ଥାଏ, ତାହା ହେଲେ ସଠିକତା ପାଇଁ ଇଂରାଜୀ ଭାଷାରେ ପ୍ରକାଶିତ ବିଜ୍ଞପ୍ତିକୁ ଅନୁସରଣ କରାଯିବ ।

SAFE & RELIABLE POWER IS OUR COMMITMENT